## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ନକଲି ଜର୍ଦ୍ଦା ଜବତ

**ଭଦ୍ରକ ଅଫିସ, ୬।୧୦:** ଭଦ୍ରକ ପୁରୁଣାବଜାର ପୋଲିସ ସୋମବାର ରାତିରେ ଲକ୍ଷାଧିକ ଟଙ୍କାର ନକଲି ଜର୍ଦ୍ଦା ଜବତ କରିଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ଅଧିକ ଖୋଳତାଡ଼ ଆରମ୍ଭ କରିଛି। ପୁରୁଣାବଜାର ଅଧୀନ ପଠାଣମହଲାଠାରେ ଥିବା ଏକ ଘରେ ନକଲି ଜର୍ଦ୍ଦା କାରଖାନା ଚାଲିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ଉକ୍ତ ଘରେ ଅତର୍କିତ ଚଢ଼ାଉ କରି ବିପୁଳ ନାମୀଦାମୀ କମ୍ପାନୀର ନକଲି ଜର୍ଦ୍ଦା ଲୋଗୋ, ଜର୍ଦ୍ଦା ପତି, ଏସେନ୍ସ, ପ୍ୟାକିଂ ମେଶିନ, ଅସଲି ଭଳି ଦିଶୁଥିବା ବିଭିନ୍ନ ନାମୀଦାମୀ କମ୍ପାନୀର ଡବା, ହଲୋଗ୍ରାମ୍ ସହ କିଛି ଯନ୍ତ୍ରାଂଶ ଜବତ କରିଛି। ଜବତ ହୋଇଥିବା ଜର୍ଦ୍ଦାର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି।

### ଗାଁ ମଶାଣିରେ ପଡ଼ିଛି ପିପିଇ କିଟ୍

**ପାଟଣା, ୬।୧୦(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତ ଡୁମୁରିଗୁଡା ଗ୍ରାମର ନେଉଳିଜୁଳି ନାଳ ନିକଟ ଗାଁ ଶ୍ମଶାନରେ ମଙ୍ଗଳବାର ପିପିଇ କିଟ୍, ଫେସ ସିଲଡ଼, ବ୍ୟବହୃତ ହୋଇଥିବା କିଛି ମାସ୍କ ଓ ହେଡକ୍ୟାପ ପଡିଥିବା ଦେଖିବାକୁ ମିଳିଛି। ମଶାଣିରେ ଏସବୁ କୋଭିଡ୍ ସାମଗ୍ରୀ ଫିଙ୍ଗା ଯାଇଥିବା ଦେଖି ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି।

### ଅସଦାଚରଣ ମାମଲାର ରାୟ ପ୍ରକାଶ

**ବାରିପଦା ଅଫିସ,୬।୧୦:** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଞ୍ଚଳର ଜନୈକା ମହିଳାଙ୍କୁ ଅସଦାଚରଣ କରିବା ମାମଲାର ରାୟ ପ୍ରକାଶ ପାଇଛି। ବେତନଟୀ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଅଦାଲତର ବିଚାରପତି ସୁଧୀ ରଞ୍ଜନ ଦାଶ ମାମଲାର ବିଚାର କରି ଦୋଷୀ କାଳିଆ ବେହେରାଙ୍କୁ ଜିଲା ପ୍ରବେଶନ ଅଧିକାରୀଙ୍କ ନୀରିକ୍ଷଣରେ ଏକ ବର୍ଷ ପର୍ଯ୍ୟନ୍ତ ରଖାଯିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ୨୦୧୩ରେ ସମ୍ପୃକ୍ତ ମହିଳାଙ୍କୁ ଅଭିଯୁକ୍ତ ଜଣକ ଅସଦାଚରଣ କରିଥିବା ନେଇ ବଡ଼ସାହି ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ. ୬୫/୧୩)ରେ ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା।

### ନାଳରେ ବୁଡ଼ି ଯୁବକ ମୃତ

**ଢେଙ୍କିକୋଟ, ୬।୧୦(ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ସାନ୍ତରାପୁର ପଞ୍ଚାୟତ ରଘୁବେଡା ଗ୍ରାମ ନାଳରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରଘୁବେଡା ଗ୍ରାମର ନିରୁ ମୁଣ୍ଡା(୨୮)। ସେ ମଙ୍ଗଳବାର ସକାଳ ସାଢେ ୧୧ଟା ବେଳେ ଗ୍ରାମ ନିକଟସ୍ଥ ନାଳକୁ ଗାଧୋଇବା ପାଇଁ ଯାଇଥିଲେ ମାତ୍ର ନାଳର ଗଭୀର ଜଳରେ ଗୋଡ ଖସିଯିବାରୁ ସେ ଆଉ ପାଣିରୁ ବାହାରି ପାରି ନ ଥିଲେ। ଘର ଲୋକ ବହୁ ଖୋଜା ଖୋଜି କରିବାପରେ ଶେଷରେ ନାଳରୁ ତାଙ୍କର ମୃତଦେହ ମିଳିଥିଲା। ଖବର ପାଇ ଫାଣ୍ଡି ଅଧିକାରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୦/୨୦) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପାଟଣା ଡାକ୍ତରଖାନା ପଠାଯାଇଛି।

### ଗୋରୁ ବୋଝେଇ ଗାଡ଼ି ଜବତ

**ତିହିଡ଼ି, ୬।୧୦(ସ୍ୱ.ପ୍ର.):** ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ବଜାରରେ ବିପଦପୂର୍ଣ୍ଣ ଭାବେ ଯାଉଥିବା ଏକ ଗୋରୁ ବୋଝେଇ ଗାଡ଼ି ଜବତ ହୋଇଛି। ସୋମବାର ସନ୍ଧ୍ୟାରେ ଏକ ପିକ୍‌ଅପ୍ ଭ୍ୟାନ୍ ଯୋଗେ ବେଆଇନଭାବେ ୬ଟି ଗୋରୁଙ୍କୁ ଚାନ୍ଦବାଲି ଆଡୁ ଭଦ୍ରକ ନିଆଯାଉଥିଲା। ପୀରହାଟ ବଜାର ନିକଟରେ ସ୍ଥାନୀୟ ବଜରଙ୍ଗ ଦଳର କର୍ମୀମାନେ ଗାଡ଼ିଟିକୁ ଅଟକାଇ ତିହିଡ଼ି ଥାନା ଜିମା ଦେଇଥିଲେ। ପୋଲିସ ଗାଡ଼ିକୁ ଜବତ କରିବା ସହିତ ଗୋରୁଗୁଡ଼ିକୁ ଉଦ୍ଧାର କରିଥିଲା। ଗାଡ଼ିର ଡ୍ରାଇଭର ଓ ହେଲପର୍ ଫେରାର ହୋଇଯାଇଥିବା ସୂଚନା ମିଳିଛି।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ପାଟଣା,୬।୧୦(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ପୋଇପାଣି ବିଟ୍ ଅନ୍ତର୍ଗତ ପୋଇପାଣି ଗ୍ରାମରେ ଭାଲୁ ଆକ୍ରମଣରେ ମଙ୍ଗଳବାର ନାଟୁ କାଉଆ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ ସେ ବିଲରୁ ଘରକୁ ଫେରୁଥିବା ବେଳେ ପାଖ ଜଙ୍ଗଲରୁ ଏକ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଖବର ପାଇ ଘଟଣା ସ୍ଥଳରେ ବନ ବିଭାଗ ପହଞ୍ଚି ତାଙ୍କୁ ପ୍ରଥମେ ପାଟଣା ଓ ପରେ କେନ୍ଦୁଝର ଜିଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଉନ୍ନୟନ କାର୍ଯ୍ୟରେ ବିଳମ୍ବ ନେଇ ବିକ୍ଷୋଭ

**ବାରିପଦା ଅଫିସ, ୬।୧୦**



ଗ୍ରାମବାସୀ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ଥିରୀକୃତ ଆଦର୍ଶ ଗ୍ରାମର ଉନ୍ନୟନ ମୂଳକ କାର୍ଯ୍ୟ ଆରମ୍ଭରେ ବିଳମ୍ବତାକୁ ନେଇ ସୋମବାର ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ହରିପୁର ଗ୍ରାମର ଶତାଧିକ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ପ୍ରଶାସନିକ ଅଧିକାରୀମାନେ ପ୍ରକଳ୍ପ ସ୍ଥାନକୁ ନ ଯାଇ କିଛି ନ୍ୟସ୍ତସ୍ୱାର୍ଥ ଲୋକଙ୍କ ଅଭିଯୋଗକୁ ଭିତ୍ତିକରି କାର୍ଯ୍ୟ ଆରମ୍ଭ କରାଇ ଦେଉ ନ ଥିଲେ। ଫଳରେ ଗ୍ରାମର ମହିଳା ପୁରୁଷ ଏକତ୍ରିତ ହୋଇ ବ୍ଲକ ଅଧ୍ୟକ୍ଷାଙ୍କଠାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଅଧିକାରୀମାନେ କାର୍ଯ୍ୟସ୍ଥଳକୁ ଯାଇ ପ୍ରକଳ୍ପର ଶୁଭାରମ୍ଭ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁଯାୟୀ, ୨୦୧୬-୧୭ ଆର୍ଥିକ ବର୍ଷରେ ହରିପୁର ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ପରିଣତ କରିବା ପାଇଁ ସରକାରଙ୍କ ପକ୍ଷରୁ ୪୦ଲକ୍ଷ ଟଙ୍କାର ପ୍ରକଳ୍ପ ପ୍ରଦାନ କରାଯାଇଥିଲା। ତତ୍କାଳୀନ ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର ଜେନା, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ସିଂ, ବିଡିଓ, ଡିଡବ୍ଲୁଇଓ, ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଚଳିତ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପଗୁଡିକ ମଞ୍ଜୁର ହୋଇ ଆସିଥିଲା। ଉକ୍ତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଅନୁସୂଚିତ ଜନଜାତିର ଲୋକମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ପ୍ରଶାସନିକ ଅଧିକାରୀମାନଙ୍କୁ ଧମକଚମକ ଦେଇ କାର୍ଯ୍ୟ ବନ୍ଦ କରିଥିଲେ। ଏହାକୁ ନେଇ ସମିତିସଭ୍ୟ ପାର୍ଥସାରଥି ପଣ୍ଡାଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ମହିଳା ପୁରୁଷ ଏକତ୍ରିତ ହୋଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ହୋ ହଲ୍ଲା କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ଲକ ଅଧ୍ୟକ୍ଷାଙ୍କ ସହିତ ସହକାରୀଯନ୍ତ୍ରୀ ବେଣୁଧର ସାହୁ ଓ କନିଷ୍ଠଯନ୍ତ୍ରୀ ଡାକ୍ତର ନାଏକ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ୧୧ଲକ୍ଷ ଟଙ୍କାର ତିନୋଟି ପ୍ରକଳ୍ପ କାର୍ଯ୍ୟ ଶୁଭାରମ୍ଭ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ସରପଞ୍ଚ ସସ୍ମିତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

**ବାସୁଦେବପୁର, ୬।୧୦(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଆର୍ଡୁଂ ଗ୍ରାମର ସରୋଜ ରାଉତଙ୍କୁ ସୋମବାର ସନ୍ଧ୍ୟାରେ ୧୦/୧୨ ଜଣ ଯୁବକ ଅପହରଣ ପରେ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆହତ ସରୋଜଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବାସୁଦେବପୁର ଓ ପରେ ଭଦ୍ରକ ଡାକ୍ତରଖାନା ପଠାଯାଇଛି। ଆକ୍ରମଣକାରୀମାନେ ବ୍ଲେଡ଼ ଓ ଧାରୁଆ ଅସ୍ତ୍ରରେ ସରୋଜଙ୍କୁ ଆକ୍ରମଣ କରି କ୍ଷତାକ୍ତ କରିଥିବା ଜଣାପଡ଼ିଛି। ସରୋଜଙ୍କ ମା'ଙ୍କ ଏତଲାକ୍ରମେ ଥାନାରେ ଏକ ମାମଲା (ନଂ.୨୫୬/୨୦) ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇ ସେହି ଗ୍ରାମର ଚନ୍ଦନ ନାଥଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟଚାଲାଣ କରିଛି। ତେବେ ପୂର୍ବ ଶତ୍ରୁତାରୁ ଏହି ଆକ୍ରମଣ ଘଟିଥିବା ପୋଲିସ ସୂଚନା ଦେଇଛି। ଅପରପକ୍ଷେ ଗିରଫ ଚନ୍ଦନ ମଧ୍ୟ ସରୋଜ ଓ ତାଙ୍କର କେତେଜଣ ସହଯୋଗୀଙ୍କ ନାମରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏନେଇ ଅନ୍ୟ ଏକ ମାମଲା (ନଂ.୨୫୭/୨୦) ରୁଜୁ ହୋଇଛି।

# ଗାଡ଼ି ଧକ୍କାରେ ହରିଣ ମୃତ



ମୃତ ହରିଣ।

**ବାଙ୍ଗିରିପୋଷି,୬।୧୦(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ଜାତୀୟ ରାଜପଥ ନଂ.୧୮ର କଳାବାଡ଼ିଆ ନିକଟରେ ମଙ୍ଗଳବାର ଭୋର ସମୟରେ ଗାଡ଼ି ଧକ୍କାରେ ଏକ ହରିଣର ମୃତ୍ୟୁ ଘଟିଛି। ଦେଉଳି ବନାଞ୍ଚଳ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ କୁଳିଅଣା ସେକ୍ସନର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତାର ମୃତଦେହ ଉଦ୍ଧାର କରିଥିଲେ। ପରେ ବାଙ୍ଗିରିପୋଷି ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ବାରିପଦା ସରକାରୀ ବନ ସଂରକ୍ଷକ ଶ୍ୟାମା ଭାରତୀ, ଦେଉଳି ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ମହାନ୍ତି ଏବଂ ବାଙ୍ଗିରିପୋଷି ବନାଞ୍ଚଳ ଭାରପ୍ରାପ୍ତ ଅଧିକାରୀ ଶୈଳେନ୍ଦ୍ର କୁମାର ଦାସଙ୍କ ଉପସ୍ଥିତିରେ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ସୁରେନ୍ଦ୍ର ବେଶ୍ରାଙ୍କ ସହ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସାଅଧିକାରିଣୀ ଭାଗ୍ୟଶ୍ରୀ ଓଝା ହରିଣର ମୃତଦେହ ବ୍ୟବଚ୍ଛେଦ କରିଥିଲେ। ତେବେ ହରିଣଟି କେଉଁ ଜଙ୍ଗଲରୁ ଆସିଛି ବନବିଭାଗ ନିକଟରେ ଖବର ନାହିଁ। ମୃତ ହରିଣଟିର ଓଜନ ୩୦ କି.ଗ୍ରା.ରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ବ୍ୟବଚ୍ଛେଦ ପରେ ବାଙ୍ଗିରିପୋଷି ବନ ବିଭାଗ କାର୍ଯ୍ୟାଳୟ ପରିସରରେ ଗାତ ଖୋଳି ହରିଣଟିକୁ ପୋତି ଦିଆଯାଇଥିଲା।

# ବିଜେଡିରେ ସାମିଲ ହେଲେ ବହୁ ଯୁବକର୍ମୀ, ମହିଳା

**ବାଲେଶ୍ୱର ଅଫିସ, ୬।୧୦**

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ଆସନ୍ତା ନଭେମ୍ବର ୩ ତାରିଖରେ ହେବାକୁ ଥିବା ଉପନିର୍ବାଚନ ଘୋଷଣା ହେବା ପରେ ଦଳର ନେତୃବର୍ଗମାନେ ନିଜ ଶକ୍ତି ବୃଦ୍ଧି କରିବା ପାଇଁ ଲାଗି ପଡିଛନ୍ତି। ମିଶ୍ରଣ ପର୍ବମାଧ୍ୟମରେ ଅନ୍ୟ ଦଳର ନେତା, ଯୁବ ଓ ମହିଳାକର୍ମୀମାନଙ୍କୁ ସାମିଲ କରାଇବା ଲାଗି କର୍ମୀ ସମ୍ମିଳନୀ ଆୟୋଜନ କରାଯାଉଛି। ସୋମବାର ସନ୍ଧ୍ୟାରେ ଜିଲା ବିଜେଡି ଅଫିସ୍ ପରିସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ପୌରାଞ୍ଚଳ ୨୭ ନମ୍ବର ୱାର୍ଡ଼ର ବିଭିନ୍ନ ଦଳରୁ ଯୁବ ଓ ମହିଳା ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ଯୁବକର୍ମୀ ସେକ୍ ନୁରୁଦ୍ଦିନ, ସେକ୍ ଅମିରୁଦ୍ଦିନ, ସେକ୍ ଅବଦୁଲ ଆର୍ସାଦ, ସଦ୍ଦାମ ହୁସେନ, ସେକ ଆଲାମ, ସେକ ନିୟାଜୁଦ୍ଦିନ, ଏମ୍. ଡି. ଆକିଲ, ଆଫରୋଜ ଆଲାମ, ମୁଜାହିଦ୍ଦ ପରବେଜ୍, କୁମାର ଚିନୁ, ଜ୍ୟୋତିପ୍ରକାଶ ରାଉତ ଓ ମହିଳା କର୍ମୀ ଜୟଶ୍ରୀ ବିଶ୍ୱାଳ, ସୁଲେଖା ସେନ, ସାନ୍ତ୍ୱନା ବାରିକ, ସିପ୍ରା ସାମଲ, ମମତା ସାମଲ, ବାସନ୍ତୀ ବର୍ଦ୍ଧନ, ରଞ୍ଜିତା ମଲ୍ଲିକ, ସମସ୍ୱତୀ ମହାଳିକ, କମଳା ମହାନ୍ତି, ସଂଯୁକ୍ତା ମଲ୍ଲିକ, ଦେୱାନ୍ତୀ ଚୌଧୁରୀ, ଝୁମା ବିବି ପ୍ରମୁଖ ମହିଳା ଯୋଗ ଦେଇଥିଲେ। ଜିଲା ବିଜେଡ଼ି ସଭାପତି ତଥା ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଏବଂ ସମାଜସେବୀ ସୁବାସିନୀ ଜେନା ସେମାନଙ୍କୁ ଦଳର ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଥିଲେ।

# ଡ୍ରାଇଭରଙ୍କୁ ଅପହରଣ କରି ଟ୍ରକ୍ ଚୋରି

**କେନ୍ଦୁଝର /ଚମ୍ପୁଆ, ୬।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ରିମୁଳି ବାଇପାସରୁ ସେପ୍ଟେମ୍ବର ୩ ତାରିଖରେ ଡ୍ରାଇଭରଙ୍କୁ ଅପହରଣ କରି ଏକ ଚଉଦ ଚକିଆ ଟ୍ରକ ଚୋରି ହୋଇଥିଲା। ଲୁଟେରାମାନେ ଡ୍ରାଇଭରଙ୍କୁ ଝାଡ଼ଖଣ୍ଡ ରାଜ୍ୟରେ ଏକ ସ୍ଥାନରେ ହାତ ଗୋଡ଼ ବାନ୍ଧି ଫିଙ୍ଗି ଦେଇ ଟ୍ରକ ଧରି ଫେରାର ହୋଇଯାଇଥିଲେ। ଅକ୍ଟୋବର ୫ ତାରିଖରେ ଡ୍ରାଇଭର ଚନ୍ଦନ ଲେଙ୍କା ବହୁ କଷ୍ଟରେ ଖସି ପଳାଇ ଆସିବା ପରେ ଟ୍ରକ ମାଲିକ କ୍ଷୀରୋଦ ପ୍ରଧାନଙ୍କୁ ଜଣାଇବା ପରେ ସୋମବାର ସନ୍ଧ୍ୟାରେ ଚମ୍ପୁଆ ଥାନାରେ ଲିଖିତ ଏତଲା ଦିଆଯାଇଛି। ଗାଡି ମାଲିକଙ୍କ ଘର କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଅଞ୍ଚଳରେ ଓ ଡ୍ରାଇଭରଙ୍କ ଘର ଜଗତସିଂହପୁର ବୋଲି ଜଣାପଡିଛି। ପୋଲିସ ଅଭିଯୋଗ ପାଇବା ପରେ ଘଟଣାର ସବିଶେଷ ଅନୁଧ୍ୟାନ ଆରମ୍ଭ କରିଛନ୍ତି। ଦୁର୍ବୃତ୍ତମାନେ ମାସ୍କ ପିନ୍ଧି ଆସି ପାଣି ମାଗିଥିଲେ ଏବଂ ଡ୍ରାଇଭରଙ୍କୁକରାୟତ କରି ଟ୍ରକ ସହ ତାଙ୍କୁ ଅପହରଣ କରିନେଇଥିଲେ ବୋଲି ଡ୍ରାଇଭର କହିଛନ୍ତି।

# ମହିଳା ମହାସଂଘର ଅନଶନ ଜାରି

**ବନ୍ତ,୬।୧୦(ଡି.ଏନ୍.ଏ.)**



ଅନଶନରେ ବସିଥିବା କର୍ମକର୍ତ୍ତା ଓ ମହିଳାମାନେ।

ଭଦ୍ରକ ଜିଲା ବନ୍ତ ପଞ୍ଚାୟତ ସମିତି ଆଗରେ ରାମଚନ୍ଦ୍ରପୁର ପଞ୍ଚାୟତ ରାମେଶ୍ୱର ମହିଳା ମହାସଂଘର କର୍ମକର୍ତ୍ତାଙ୍କ ସମେତ ଅନ୍ୟ ମହିଳାମାନେ ଅନଶନରେ ବସିଛନ୍ତି। ମହାସଂଘର ସଭାନେତ୍ରୀ ଓ ସମ୍ପାଦିକାଙ୍କୁ ଅଗଣତାନ୍ତ୍ରିକ ଭାବରେ ପଦବୀରୁ ହଟାଇବା ପାଇଁ କରାଯାଇଥିବା ହୀନ ଉଦ୍ୟମ ପ୍ରତିବାଦରେ ଏହି ଅନଶନ ସୋମବାରଠାରୁ ଆରମ୍ଭ ହୋଇଛି। ଗତ ୪ ଦିନ ହେଲା ମହାସଂଘ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ମହିଳା ମହାସଂଘର ସଭାନେତ୍ରୀ ଉଷାରାଣୀ ବେହେରା, ସମ୍ପାଦିକା କୁନ୍ତଳା ଜେନାଙ୍କ ସମେତ ଅନ୍ୟ ମହିଳାମାନେ ଅନଶନରେ ବସିଛନ୍ତି। ଏହି ଆନ୍ଦୋଳନକୁ ସିପିଆଇ ବନ୍ତ ଜୋନ୍ କମିଟି ଓ ବ୍ଲକ କଂଗ୍ରେସ ପକ୍ଷରୁ ସମର୍ଥନ କରାଯାଇଛି।

# ୪ ବଖରା ପୋଡ଼ି ପାଉଁଶ

**ବାହାନଗା, ୬।୧୦(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ତାଳକୁରୁଣିଆଁ ପଞ୍ଚାୟତ ହରିପୁର ଗ୍ରାମରେ ଗତ ରବିବାର ବିଳମ୍ବିତ ରାତିରେ ନିତ୍ୟାନନ୍ଦ ଦାସଙ୍କ ୪ ବଖରା ପୋଡି ପାଉଁଶ ହୋଇଯାଇଛି। ଘରେ ଥିବା ଆସବାବପତ୍ର ଓ ଧାନ ଚାଉଳ ମିଶି ଲକ୍ଷାଧିକ ଟଙ୍କାର ସମ୍ପତ୍ତି କ୍ଷତି ହୋଇଛି। ରବିବାର ବିଳମ୍ବିତ ରାତିରେ ନିତ୍ୟାନନ୍ଦଙ୍କ ଘର ଜଳୁଥିବା ଦେଖି ଲୋକେ ଡାକିଥିଲେ। ପଡୋଶୀମାନେ ଘର ଭିତରୁ ଲୋକଙ୍କୁ ଉଦ୍ଧାର କରି ବାହାନଗା ଦମକଳ କେନ୍ଦ୍ରକୁ ଫୋନ କରିଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ନିତ୍ୟାନନ୍ଦଙ୍କ ୪ବଖରା ସମ୍ପୂର୍ଣ୍ଣ ପୋଡିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟରୁ ଘରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ସୋମବାର ବରିପଦା ଆରଆଇ ମନୋରଞ୍ଜନ ସାହୁ ପହଞ୍ଚି ତଦନ୍ତ କରି ଫେରିଯାଇଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ପଲଥିନ୍ ଓ ଅନ୍ୟ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି।

# ଅପରାହ୍ନ ୨ଟାରୁ ବ୍ୟବସାୟ ବନ୍ଦ ନିଷ୍ପତ୍ତି

**ଔପଦା, ୬।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ଅଞ୍ଚଳରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ସ୍ଥାନୀୟ ବ୍ୟବସାୟୀଙ୍କ ପକ୍ଷରୁ ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଦୋକାନ ଖୋଲିବା ଲାଗି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ବ୍ୟବସାୟୀମାନେ ଔପଦା ଦୁର୍ଗାମଣ୍ଡପଠାରେ ସକାଳ ୯ଟାରେ ଏକ ବୈଠକ କରି ଔପଦାରେ ଯୁବ ବ୍ୟବସାୟୀ ସରୋଜ ପରିଡାଙ୍କ ଅକାଳ ବିୟୋଗରେ ଏକ ଶୋକସଭା କରିବା ସହିତ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସାମାଜିକ ଦୂରତା ରକ୍ଷା ଲାଗି ବ୍ୟବସାୟୀଙ୍କ ପକ୍ଷରୁ ଆଲୋଚନା କରାଯାଇ ଏପ୍ରକାର ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି। ବୈଠକରେ ବ୍ୟବସାୟୀ ରଜନୀକାନ୍ତ ପ୍ରଧାନ, ହରିହର ଦାଶ, ଦିଲୀପ ବେହେରା, ଶମ୍ଭୁନାଥ ସାହୁ, ଗଜେନ୍ଦ୍ର ଗିରି, ଗୟାଧର ରାଉତ, ସଞ୍ଜୟ ସି, ସୂର୍ଯ୍ୟକାନ୍ତ ଦାସ, ସନ୍ତୋଷ ଓଝା, ଗଣେଶ୍ୱର ପାଢ଼ୀ, ରାମେଶ୍ୱର ଦାଶ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ନିଷ୍ପତ୍ତି ସମ୍ପର୍କରେ ଲିଖିତ ଭାବେ ଔପଦା ତହସିଲଦାର, ବିଡିଓ, ଥାନା ଓ ସ୍ଥାନୀୟ ସରପଞ୍ଚଙ୍କୁ ପ୍ରଦାନ କରାଯାଇଛି।

# ପୋଷାକ ଯୋଗାଣରେ ଅନିୟମିତତା




ସିଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

**ରେମୁଣା, ୬।୧୦(ଡି.ଏନ.ଏ.)**

ଅଙ୍ଗନୱାଡି ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ପୋଷାକ ଯୋଗାଣ କ୍ଷେତ୍ରରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ସୋମବାର ବାଲେଶ୍ୱର ଜିଲା ରେମୁଣା ବ୍ଲକ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ପୋଷାକ ଯୋଗାଣ ଲାଗି ଅନୁମତି ପାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନେ କୌଣସି ପୋଷାକ ତିଆରି କରିବା ପାଇଁ ଭିତ୍ତିଭୂମି ନ ଥିବାବେଳେ ନିମ୍ନମାନର ପୋଷାକ କିଣି ପିଲାମାନଙ୍କୁ ପ୍ରଦାନ କରୁଛନ୍ତି। ଏନେଇ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଅଧିକାରୀମାନେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଅଙ୍ଗନୱାଡି କର୍ମୀମାନେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ ପିଲାମାନଙ୍କ ପୋଷାକ ପାଇଁ ସିଧାସଳଖ ଅଙ୍ଗନୱାଡି କେନ୍ଦ୍ର ନାମରେ ବ୍ୟାଙ୍କରେ ଥିବା ଯୁଗ୍ମ ଜମାଖାତାକୁ ଟଙ୍କା ଦେବା ପାଇଁ ସେମାନେ ଦାବି କରିଛନ୍ତି। ସେହିପରି ଅଙ୍ଗନୱାଡି କେନ୍ଦ୍ରକୁ ଗ୍ୟାସ୍, ଆବଶ୍ୟକ ଖାତାପତ୍ର ଯୋଗାଇ ଦେବା ସହ ଅଙ୍ଗନୱାଡି କର୍ମୀଙ୍କୁ ବିନା ତାଲିମରେ କମ୍ପ୍ୟୁଟର କାର୍ଯ୍ୟରେ ନିୟୋଜିତ କରିବାକୁ ବାରଣ କରିଛନ୍ତି। ଏହି ବିକ୍ଷୋଭରେ ସଂଘର ଜିଲା ସଭାପତି ପ୍ରତିଭା ପାଲ, ରେମୁଣା ବ୍ଲକ ସଭାପତି ଅନୁପମା ଗିରି, ସମ୍ପାଦିକା ମାନିନୀ ଆଚାର୍ଯ୍ୟଙ୍କ ସମେତ ଏଆଇଟିୟୁସି ଜାତୀୟ ପରିଷଦ ସଦସ୍ୟ ଜୟନ୍ତ ଦାସ, ପୌରାଞ୍ଚଳ କମିଟି ସମ୍ପାଦକ ନିର୍ବାସିନୀ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ।

**BANK JOB**
Odisha ରେ ଥିବା Private ଓ Govt. Bank ରେ peon ଏବଂ Back Office (Contractual) ପଦର ନିଯୁକ୍ତି ପାଇଁ 10th / +2 / +3 pass Candidate ଆବଶ୍ୟକ।
Salary : 8000/- To 14000/-
9178912298, 8895725158

Recruitment for the Post of LIC Agent as an Insurance Advisor.
Join India's No.1 - LIC of India
Sushree Sangeeta Nayak
(DO LIC)
Contact:
9337286709, 7653067426

**VACANCY**
A Leading Food Manufacturing Company require male & female candidate for all over Odisha for expending his branches in every district.
Sales Manager : Qualification (Graduate), Marketing Manager : Qualification (Graduate), Sales Representative : 10th Above, Veterinary Doctor : BVS.
Salary upto 12,000/- to 50,000/-
All candidates are submitted his/her bio-data with 2 recent passport size photo & documents sent by under sign address on before20th October 2020 via speed post below mention address. Age Limit : (18 to 50) yrs.
VALEO DILIGENTIA PVT LTD.
Address - IT Colony, Rajgangpur, Near OCL,Sundarggarh, Odisha - 770017,
Call Us : 7205635009, 7008894327, Email : mail2valeodiligentia@gmail.com

**ANANDAPUR COLLEGE, ANANDAPUR**
**QUOTATION CALL NOTICE**
Notice No. 879 Date: 03.10.2020
Sealed quotations are invited from the eligible registered firms/authorized dealers/sub dealers/ retailers for supply of DG set 25KV, Desktop Computer (Core i3 Hb 4GB), Basketball Court with fittings. Science laboratory equipments. The detailed list of materials & other relevant information are available in the College website: **www.anandapurcollege.com**.
The quotation shall reach the office of the undersigned by 20.10.2020 positively. The authority reserves right to cancel any or all quotations without assinging any reason thereof.
Sd./- Principal
Anandapur College, Anandapur

**ବିଜ୍ଞାପନ**
No.D-72:-
**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ**
**ଭାମିନୀ, ରାୟଗଡ଼ା**
ନାମ- ସତ୍ୟରଞ୍ଜନ ଛତ୍ରିଆ
କନଷ୍ଟେବଲ ନଂ.-୫୭୮
ପିତା- ଜଗଦୀଶ ଛତ୍ରିଆ
ଗ୍ରାମ- ମୁଖିଗୁଡ଼ା
ପୋ.- ମୁଖିଗୁଡ଼ା
ଥାନା- ଜୟପାଟଣା
ଜିଲ୍ଲା- କଳାହାଣ୍ଡି
ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆପଣ ତା୧୭।୦୩।୨୦୨୦ରିଖ ଅପରାହ୍ନଠାରୁ ତା୨୩।୦୩।୨୦୨୦ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୬ ଦିନ ସାମୂହିକ ଛୁଟି ନେଇ ଯାଇଥିଲେ। ଆପଣ, ଆପଣଙ୍କ କାର୍ଯ୍ୟରେ ତା୨୪।୦୩।୨୦୨୦ରିଖ ପୂର୍ବାହ୍ନରେ ଯୋଗଦେବା ବଦଳରେ କୌଣସି ସୂଚନା ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ସରକାରୀ ସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଛନ୍ତି ।
ଏଣୁ ଏହି ନୋଟିସ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ଆପଣ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିଜର ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ
ଭାମିନୀ, ରାୟଗଡ଼ା
OIPR-12029/11/0015/2021

## ରାଇରଙ୍ଗପୁର ଅତିରିକ୍ତ ଏସ୍‌ପିଙ୍କ ପରଲୋକ

ରାଇରଙ୍ଗପୁର, (ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଏସ୍‌ପି ଆଶୋକ କୁମାର ପଟ୍ଟନାୟକ(୫୮)ଙ୍କର ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ଘଟିଛି। ଗତ ମାସ ୧୭ ତାରିଖରୁ ସେ ବାରିପଦାସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

### ସଂକ୍ଷେପରେ

## କରୋନାରେ ଜିଲା ପରିଷଦ ସଭ୍ୟଙ୍କ ମୃତ୍ୟୁ

ବସ୍ତା, ୬।୧୦(ଡି.ଏନ.ଏ.): ବସ୍ତା ୧୫ନମ୍ବର ଜୋନ୍‌ର ଜିଲା ପରିଷଦ ସଦସ୍ୟ ତଥା ବିଜେଡି ନେତା ତ୍ରିଲୋଚନ ବେହେରାଙ୍କର କରୋନାରେ ସୋମବାର ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ବର୍ଷ ହୋଇଥିଲା। ସେ ବାହାର୍ଦ୍ଦା ପଞ୍ଚାୟତର ୪ଥର ସରପଞ୍ଚ ଓ ଥରେ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେ ମଧ ମଥାନୀ ସେବା ସମବାୟ ସମିତିର ସଭାପତି ନିର୍ବାଚିତ ହୋଇଥିଲେ। ସେ ଦୀର୍ଘବର୍ଷ ଧରି ବସ୍ତା ଜନତା ଦଳ ଓ ବିଜେଡି ସଭାପତି ଦାୟିତ୍ୱରେ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଧାୟକ ନିତ୍ୟାନନ୍ଦ ସାହୁ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମାପ୍ରସାଦ ବେହେରା, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ, ବସ୍ତା ବ୍ଲକ ବିଜେଡି ସଭାପତି ଅନିଲକୁମାର ମହାନ୍ତ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ବନ୍ୟା ସହାୟତା ଲାଗି ବିଡିଓଙ୍କୁ ଦାବିପତ୍ର

ଭଣ୍ଡାରିପୋଖରୀ,୬।୧୦ (ଡି.ଏନ.ଏ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରଣଜିତ ପଞ୍ଚାୟତ ମହମାଲ୍ୟା ଗ୍ରାମ ୮ ନଂ. ୱାର୍ଡରେ ରହୁଥିବା କେତେକ ହରିଜନ ପରିବାର ବନ୍ୟା ସହାୟତା ପାଇ ନାହାନ୍ତି। ଏନେଇ ସେମାନେ ସ୍ଥାନୀୟ ବିଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ବନ୍ୟା ସମୟରେ ଏହି ଗ୍ରାମର ଲୋକେ ୩ ଦିନ ଜଳଘେରରେ ରହିଥିଲେ। ଗ୍ରାମର କେତେକ ପରିବାର ବନ୍ୟା ସହାୟତା ରିଲିଫ ବାବଦକୁ ୫୦୦ ଟଙ୍କା ଓ ୫୦ କି.ଗ୍ରା. ଚାଉଳ ପାଇଥିବା ବେଳେ ଆଉ କେତେଜଣ ଏଥିରୁ ବଞ୍ଚିତ ହୋଇଛନ୍ତି। ଏନେଇ ଗ୍ରାମର ସୁରେନ୍ଦ୍ର ମଲିକ, ସରୋଜ ମଲିକ,ପଞ୍ଚାନନ ମଲିକ,ପ୍ରଦୀପ ମଲିକ ପ୍ରମୁଖ ମଙ୍ଗଳବାର ବିଡ଼ିଓ ବିଜୟ କୁମାର ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି ଉଚିତ ପଦକ୍ଷେପ ନେବାକୁ ଦାବି କରିଥିଲେ।

## ଘରେ ପଶି ଟଙ୍କା,ସୁନା ଲୁଟ୍

ଭଦ୍ରକ ଅଫିସ, ୬।୧୦: ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଏରେଇଁ ପଞ୍ଚାୟତ ବିଶାଖିରିଦା ଗ୍ରାମର ନାରାୟଣ ଗିରିଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି। ପରିବାର ଲୋକେ ଶୋଇଥିବା ବେଳେ ଚୋରମାନେ ତାଲା ଭାଙ୍ଗି ନଗଦ ୧ ଲକ୍ଷ ୭୦ ହଜାର ଟଙ୍କା ଓ ୧ ଭରି ସୁନା ଗହଣା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ୨ହଜାର ଲିଟର କିରୋସିନ ଜବତ, ୨ ଅଭିଯୁକ୍ତ ଗିରଫ

ରୂପସା, ୬।୧୦(ଡି.ଏନ.ଏ.): ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥରେ ରୂପସା ଥାନା ପୋଲିସ ସୋମବାର ବିଳମ୍ବିତ ରାତିରେ ଚଢ଼ାଉ କରି ଏକ ଭ୍ୟାନ୍‌ରେ ଚୋରା ଚାଲାଣ ହେଉଥିବା ୨ହଜାର ଲିଟର କିରୋସିନି ସହ ଭ୍ୟାନ୍‌କୁ ଜବତ କରିଛି। ଅଭିଯୁକ୍ତ ଭ୍ୟାନ୍‌ର ଡ୍ରାଇଭର ଟାଉନ ଥାନା ପାତ୍ରପଡ଼ା ଗ୍ରାମର ଜଗନ୍ନାଥ ଗିରି ଓ ବ୍ୟବସାୟୀ ସୁରେଶ ମାହିଙ୍କୁ ଗିରଫ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୮୧/୨୦) ରୁଜୁ କରି ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ପିକଅପ୍ ଭ୍ୟାନ୍‌ରେ ପଶ୍ଚିମବଙ୍ଗରୁ କିରୋସିନ ବୋଝେଇ କରି ବାଲେଶ୍ୱର ଅଭିମୁଖେ ଯାଉଥିଲା। ଏଏସ୍‌ଆଇ ନରହରି ମହାଲିକ ସଦଳବଳେ ଥାନା ସମ୍ମୁଖ ରାଜପଥରୁ କିରୋସିନ ବୋଝେଇ ଭ୍ୟାନ୍‌କୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ।

# ନିର୍ଣ୍ଣାୟକ ସ୍ଥିତିରେ ପ୍ରାର୍ଥୀ ଚୟନ

### ବିଜେଡିରୁ ସୁବାସିନୀ, ଆଲୋକ, ଭାଜପାରୁ ମାନସ, ଉମାକାନ୍ତ, କଂଗ୍ରେସରୁ ବିକ୍ରମ ଓ ସଞ୍ଜୀବଙ୍କ ନାମକୁ ନେଇ ଚର୍ଚ୍ଚା

ବାଲେଶ୍ୱର ଅଫିସ, ୬।୧୦


ସୁବାସିନୀ ଜେନା।


ଆଲୋକ କୁମାର ସାହୁ।


ମାନସ ଦତ୍ତ।


ଉମାକାନ୍ତ ମହାପାତ୍ର।


ବିକ୍ରମ ପଣ୍ଡା।


ସଞ୍ଜୀବ ଗିରି।

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ଉପନିର୍ବାଚନ ଆସନ୍ତା ନଭେମ୍ବର ୩ ତାରିଖରେ ହେବା ଲାଗି ଘୋଷଣା ପରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଆସନ୍ତା ଅକ୍ଟୋବର ୯ ତାରିଖରେ ପ୍ରାର୍ଥିପତ୍ର ଦାଖଲ କରିବାକୁ ଥିବା ବେଳେ ଏଯାଏ କୌଣସି ଦଳ ନିଜର ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହାନ୍ତି। କେଉଁ ଦଳରେ କିଏ ପ୍ରାର୍ଥୀ ହେବ ସେନେଇ ରାଜନୈତିକ ଦଳର ପୁରୁଖା ନେତାମାନେ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଥିଲେ ମଧ ଘୋଷଣା ବାକି ରହିଛି।

ଉପନିର୍ବାଚନରେ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ। ଏହି ୩ଟି ଦଳରୁ ଏକାଧିକ ଆଶାୟୀ ଟିକେଟ୍ ଆଶାରେ ରହିଛନ୍ତି। ସେଥିମଧ୍ୟରୁ ବିଜେଡିରୁ ସମାଜସେବୀ ସୁବାସିନୀ ଜେନା ଓ ପୂର୍ବତନ ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ ଥିବା ବେଳେ ଭାଜପାରୁ ସ୍ୱର୍ଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ପୁତ୍ର ତଥା ସଦର ନିର୍ବାଚନମଣ୍ଡଳୀ ସଂଯୋଜକ ମାନସ ଦତ୍ତ ଓ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର ଏବଂ କଂଗ୍ରେସରୁ ପୂର୍ବତନ ଜିଲା କଂଗ୍ରେସ ସମ୍ପାଦକ ବିକ୍ରମ ପଣ୍ଡା ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସଞ୍ଜୀବ ଗିରିଙ୍କ ନାମ ସର୍ବାଗ୍ରେ ରହିଥିବା ନେଇ ଚର୍ଚ୍ଚା ହେଉଛି। ପ୍ରାର୍ଥୀମାନେ ଟିକେଟ ପାଇବା ଆଶା ନେଇ କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ, ଘରକୁ ଘର ବୁଲି ଭୋଟରଙ୍କୁ ସାକ୍ଷାତ କରିବା ଆରମ୍ଭ କଲେଣି। ଆସନ୍ତା ୧୬ ତାରିଖରେ ପ୍ରାର୍ଥିପତ୍ର ଦାଖଲର ସମୟ ଶେଷ ହେବାକୁ ଥିବା ବେଳେ ୧୭ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ଏବଂ ୧୯ ତାରିଖ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ସମୟ ନିର୍ଦ୍ଧାରଣ ରହିଛି। ସେହିପରି ନଭେମ୍ବର ୩ ତାରିଖରେ ନିର୍ବାଚନ ଏବଂ ୧୦ ତାରିଖରେ ଭୋଟ୍ ଗଣତି କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ନିର୍ବାଚନ କମିଶନର ପ୍ରକାଶ କରିଛନ୍ତି। ସଦର ନିର୍ବାଚନମଣ୍ଡଳୀରେ ୨ଲକ୍ଷ ୨୬ହଜାର ୫୮୨ ଜଣ ଭୋଟର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଅନ୍ୟପକ୍ଷରେ ବିଜେଡି ଓ ଭାଜପାର ଦଳୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିବା ବେଳେ ରାଜ୍ୟ ନେତୃବର୍ଗ ଘନ ଘନ ଆସି ଏହାକୁ ଶେଷ କରିବାର ପ୍ରୟାସ ଜାରି ରଖିଛନ୍ତି। ଏହାପରେ ମଧ ବିଜେଡିର ପୁରୁଖା ନେତାମାନଙ୍କୁ ଅଣଦେଖା କରାଯାଉଥିବା ଚର୍ଚ୍ଚା ହେଉଛି। ସେହିପରି ଭାଜପାରେ ଗୋଷ୍ଠୀ କନ୍ଦଳ ମହଙ୍ଗା ସାବ୍ୟସ୍ତ ହେବାର ରାଜନୈତିକ ବିଶେଷଜ୍ଞମାନେ ମତ ରଖିଛନ୍ତି।


ଭୁଶୁଡ଼ି ପଡ଼ିଥିବା ହଳଧର ଦାସଙ୍କ ଘର କାନ୍ଥ।

## ଲଘୁଚାପ ବର୍ଷାରେ କାନ୍ଥ ଭୁଶୁଡ଼ିଲା

ବାହାନଗା, ୬।୧୦(ଡି.ଏନ.ଏ.)

୬ଦିନ ଧରି ଲଘୁଚାପଜନିତ ବର୍ଷା ଲାଗି ରହିବାରୁ ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ କରଞ୍ଜାବିନ୍ଧା ଗ୍ରାମର ହଳଧର ଦାସଙ୍କ ମାଟି ଘର କାନ୍ଥ ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ଫଳରେ ସେମାନେ ଖୋଲା ଆକାଶ ତଳେ ରହିଛନ୍ତି। ବରିପଦା ଆରଆଇ ମନୋରଞ୍ଜନ ସାହୁ ଘଟଣାସ୍ଥଳକୁ ଆସି ତଦନ୍ତ କରି ଫେରିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ରହିବା ପାଇଁ ପ୍ରଶାସନ ତରଫରୁ ସୁବ୍ୟବସ୍ଥା କରିବା ପାଇଁ ଦାବି ହେଉଛି। ଆସନ୍ତା ୯ ତାରିଖରେ ପୁନର୍ବାର ଆଉ ଏକ ଲଘୁଚାପ ଆସୁଥିବାରୁ ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


ଓଭରବ୍ରିଜ୍‌କୁ କ୍ରେନ୍ ଯୋଗେ ଉଠାଯାଉଛି।

## ଅପସାରଣ ହେଲା ଫୁଟ୍ ଓଭରବ୍ରିଜ୍

ସୋର, ୬।୧୦(ଡି.ଏନ.ଏ)

ସୋମବାର ରାତି ୯ଟା ବେଳେ ଡାଉନ୍ ଲାଇନ୍‌ରେ ଖଡଗପୁର ଆଡକୁ ଯାଉଥିବା ଏକ ମାଲ ବୋଝେଇ ଟ୍ରେନ୍‌ର କିଛି ଅଂଶ ବାଜି ୧ ଓ ୨ନଂ. ପ୍ଲାଟଫର୍ମରେ ଥିବା ଫୁଟ୍ ଓଭରବ୍ରିଜି ଖୁଲିପଡିଥିବା ବେଳେ ଟ୍ରେନ୍ ଚଳାଚଳ ବନ୍ଦ ରହିଥିଲା। ଏହି ଦୁର୍ଘଟଣା ଘଟାଇ ମାଲବାହୀ ଟ୍ରେନ୍ ଆଗକୁ ଦୁଇ କି.ମି. ଯାଇ ଅଟକି ଥିବା ବେଳେ ଟ୍ରେନ୍ ଲାଇନ୍‌କଡରେ ଥିବା କିଛି ସିଗ୍‌ନାଲ ପୋଷ୍ଟ ମଧ ଉପୁଡି ଯାଇଥିଲା। ଖବରପାଇ ଖଡଗପୁରରୁ ଡିଆରଏମ୍ ମନୋରଞ୍ଜନ ପ୍ରଧାନ, ଏଡିଆର୍‌ଏମ୍ ବିକେ ଚୌଧୁରୀ ବିଭାଗୀୟ ଇଞ୍ଜିନିୟର ଓ କର୍ମଚାରୀଙ୍କ ସହ କ୍ରେନ୍ ନେଇ ବିଳମ୍ବିତ ରାତିରେ ସୋର ଷ୍ଟେଶନରେ ପହଞ୍ଚିଥିଲେ। ଝୁଲା ଓଭରବ୍ରିଜ୍ ଅଂଶକୁ ଇଲେକ୍ଟ୍ରି କଟରରେ କାଟି ଲାଇନ୍ ଉପରୁ ଅପସାରଣ କରାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏହି ଲାଇନ୍‌ରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇପାରିନି। ଅଦ୍ୟାବଧି କେବଳ ୪ନଂ. ଲୁପ୍ ଲାଇନ୍‌ରେ ଅତି ମନ୍ଥର ଗତିରେ ଟ୍ରେନ୍ ଚଳାଚଳ ହେଉଛି।

## କୋର୍ଟରେ ଅନୁପସ୍ଥିତ ରହିବେ ଆଇନଜୀବୀ

### କୋଭିଡ୍ ଲାଗି ସତର୍କତା

କେନ୍ଦୁଝର, ୬।୧୦ (ସ୍ୱ.ପ୍ର.)

ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ କେନ୍ଦୁଝର ଓକିଲ ସଂଘର ସଦସ୍ୟମାନେ କୋର୍ଟ କାମରୁ ନିବୃତ୍ତ ରହିବେ। ସେହିପରି ସଂଘ କାର୍ଯ୍ୟାଳୟ ଓ ହଲ ମଧ ବନ୍ଦ ରହିବ। ଏହି ସମୟରେ କୌଣସି ଆଇନଜୀବୀ ବା ବାହାର ଲୋକଙ୍କୁ ଓକିଲ ସଂଘ ପରିସରରେ ପ୍ରବେଶ ଅନୁମତି ଦିଆଯିବ ନାହିଁ। ଏହି ସମୟରେ କୋର୍ଟ ଓ ବାର ପରିସରକୁ ସାନିଟାଇଜେସନ କରିବା ପାଇଁ ପୌରପାଳିକା ଓ ଅଗ୍ନିନିର୍ବାପକ ବିଭାଗକୁ ଅନୁରୋଧ କାଯାଇଛି। ଏନେଇ ସିଭିଲ କୋର୍ଟ ପରିସରକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା ପାଇଁ ଜିଲା ଜଜ୍‌ଙ୍କୁ ମଧ ଅନୁରୋଧ କରାଯାଇଥିବା ଜଣାପଡିଛି। ଆସନ୍ତା ୧୨ ତାରିଖ ଦିନ ସମସ୍ତ ଆଇନଜୀବୀ ମାନଙ୍କ ସ୍ୱାବ ଟେଷ୍ଟ କରିବାକୁ ଏକ କ୍ୟାମ୍ପ କରିବାକୁ ସିଡିଏମଓଙ୍କୁ ଅନୁରୋଧ କରାଯାଇଛି ବୋଲି ବାର୍ ପକ୍ଷରୁ କୁହାଯାଇଛି। କେନ୍ଦୁଝର ଜିଲା ଜଜ କୋର୍ଟରେ କେତେକ ଜଜ୍ ଓ କର୍ମଚାରୀଙ୍କୁ କରୋନା ହୋଇଥିବା ନେଇ ଜଣାପଡିବା ପରେ ବାର୍ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

## ଚନ୍ଦନ ବୋଡ଼ା ଉଦ୍ଧାର

ବଡବିଲ, ୬।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲସ୍ଥିତ କୋର୍ଟ ନିକଟସ୍ଥ ବିଦେଶୀବନ୍ଧୁ ସେଠୀଙ୍କ ଘର ଅଗଣାରୁ ମଙ୍ଗଳବାର ଅପରାହ୍ନରେ ଏକ ବିଷଧର ଚନ୍ଦନବୋଡା ସାପକୁ ବନ ବିଭାଗ ଉଦ୍ଧାର କରିଛି। ପ୍ରାୟ ୪ ଫୁଟ ଲମ୍ବର ଏହି ବୋଡା ସାପଟି ନିକଟସ୍ଥ ଜଙ୍ଗଲରୁ ଚାଲିଆସିଥିବା ବନ ବିଭାଗ କହିଛି। ମଙ୍ଗଳବାର ଅପରାହ୍ନରେ ବାଡି ଅଗଣାରେ ଏକ ବିଷଧର ସାପକୁ ବିଦେଶୀ ଦେଖିଥିଲେ। ସାପଟିର କୌଣସି କ୍ଷୟକ୍ଷତି ନ କରିବାକୁ ଲୋକ ମାନଙ୍କୁ ପରାମର୍ଶ ଦେବା ସହ ବଡବିଲ ବନ ବିଭାଗକୁ ବିଦେଶୀ ଖବର ଦେଇଥିଲେ।

## କାର୍ତ୍ତିକେଶ୍ୱରଙ୍କ ଶେଷକୃତ୍ୟ ସମ୍ପନ୍ନ

### ସମ୍ମାନାର୍ଥେ ଭୋଗରାଇ ବନ୍ଦ

ବାଲେଶ୍ୱର ଅଫିସ/ଭୋଗରାଇ, ୬।୧୦(ଡି.ଏନ.ଏ.)


ପୂର୍ବତନ ଏମ୍‌ପି ଡ. କାର୍ତ୍ତିକେଶ୍ୱର ପାତ୍ର।

ବାଲେଶ୍ୱରର ପୂର୍ବତନ ଏମ୍‌ପି, ଭୋଗରାଇ ନିର୍ବାଚନ ମଣ୍ଡଳୀର ୩ ଥର ବିଧାୟକ ତଥା ସାରସ୍ୱତ ସାଧକ ଡ. କାର୍ତ୍ତିକେଶ୍ୱର ପାତ୍ର (୮୧)ଙ୍କର ସୋମବାର ରାତି ୧୨ଟାରେ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ପାର୍ଥିବ ଶରୀର ଜନ୍ମମାଟି ଭୋଗରାଇ ଅଞ୍ଚଳ ସୁନ୍ଦରାଡ଼ି ଗ୍ରାମକୁ ନିଆଯାଇ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ତାଙ୍କର ପୁତ୍ର ଦେବାଶିଷ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତିନି ଝିଅ ମଧ୍ୟରୁ ଦୁଇଝିଅ, ଜ୍ୱାଇଁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଭୋଗରାଇ ବିଧାୟକ ତଥା ଯୋଜନା ବୋର୍ଡ଼ର ଅଧକ୍ଷ ଅନନ୍ତ ଦାସ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ଡ. ଯୁଧିଷ୍ଠିର ଜେନା, କଂଗ୍ରେସ ନେତା ସତ୍ୟଶିବ ଦାସ, ଦିବ୍ୟଜ୍ୟୋତି ପଟ୍ଟନାୟକଙ୍କ ସହ ବହୁ ରାଜନୈତିକ ଦଳର ନେତା, ବୁଦ୍ଧିଜୀବୀ, ସାହିତ୍ୟିକ, ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ଜନପ୍ରିୟ ନେତାଙ୍କ ବିୟୋଗରେ ସ୍ୱତସ୍ଫୂର୍ତ୍ତ ଭାବେ ଭୋଗରାଇ ବନ୍ଦ କରାଯାଇଥିଲା। ଡ. ପାତ୍ର କିଛି ଦିନ ଆଗରୁ କରୋନା ପଜିଟିଭ୍ ହୋଇ ଚିକିତ୍ସିତ ହେଉଥିଲେ। ସୋମବାର ସନ୍ଧ୍ୟାରେ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱରକୁ ପଠାଯାଉଥିବା ବେଳେ ଭଦ୍ରକଠାରେ ପ୍ରାଣବାୟୁ ଉଡ଼ିଯାଇଥିଲା।

୧୯୪୧ରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୁନ୍ଦରାଡ଼ି ଗ୍ରାମରେ ଜନ୍ମିତ ଡ.ପାତ୍ର ମହେଶପୁର ଗ୍ରାମସ୍ଥିତ ଫାର୍ମହାଉସ୍‌ରେ ରହୁଥିଲେ। ସେ ଶିକ୍ଷକତା ଛାଡ଼ି ରାଜନୀତିରେ ସାମିଲ ହୋଇ ୧୯୬୭ରେ ଭୋଗରାଇ ପଞ୍ଚାୟତ ସମିତି ଅଧକ୍ଷ ପଦବୀରୁ ରାଜନୀତି କ୍ୟାରିୟର ଆରମ୍ଭ କରିଥିଲେ। ୧୯୭୧ରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପ୍ୟାରୀମୋହନ ଦାସଙ୍କୁ ପରାସ୍ତ କରି ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୪ରୁ ୧୯୮୦ ପୁଣି ବିଧାନସଭାକୁ ନିର୍ବାଚିତ ହେବା ପରେ ୧୯୮୫ ମସିହାରେ ତାଙ୍କ ପତ୍ନୀ ଉମାରାଣୀ ପାତ୍ରଙ୍କୁ ନିର୍ବାଚନୀ ବୈତରଣୀ ପାର ପାଇଁ ଗୋଟିଚାଳନା କରି ସଫଳ ହୋଇଥିଲେ। ୧୯୯୧ରେ ପୂର୍ବତନ ବୈଦେଶିକ ମନ୍ତ୍ରୀ ସମରେନ୍ଦ୍ର କୁଣ୍ଡୁଙ୍କ ହରାଇ ଡ. ପାତ୍ର ବାଲେଶ୍ୱର ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ ମସିହାରେ ଦଳୀୟ ଟିକେଟରୁ ବଞ୍ଚିତ ହୋଇ ତୃଣମୂଳ କଂଗ୍ରେସରେ ସାମିଲ ହୋଇ ବାଲେଶ୍ୱର ଏମ୍‌ପି ଭାବେ ପ୍ରାର୍ଥୀ ହୋଇ ପରାଜିତ ହେବା ପରେ ତୃଣମୂଳ କଂଗ୍ରେସ ଛାଡ଼ି ପୁଣି କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ସେ ରାଜନୀତିରେ ପ୍ରବେଶ ପୂର୍ବରୁ ସାହିତ୍ୟ ସାଧନାରେ ବ୍ରତୀ ହୋଇ ନାଟକ, ଗଳ୍ପ ସଙ୍କଳନ, କାବ୍ୟ, ଅନୁବାଦ, ଗବେଷଣାତ୍ମକ ପୁସ୍ତକ ଓ ପ୍ରବନ୍ଧ, ଓଡ଼ିଶାର ନୌବାଣିଜ୍ୟ ଇତିହାସ ସମ୍ପର୍କରେ ୮୦ ଖଣ୍ଡରୁ ଅଧିକ ପୁସ୍ତକ ପ୍ରକାଶ କରି ଓଡ଼ିଆ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଛନ୍ତି। ଏତଦ୍‌ଭିନ୍ନ ଦୂରଦର୍ଶନରେ ତାଙ୍କ ରଚିତ ସମ୍ରାଟ ଖାରବେଳ ସିରିୟଲ ପ୍ରଦର୍ଶନ ସହ ଚଳଚ୍ଚିତ୍ରରେ କାହାଣୀ ଅବେଦ୍ୟ ସୃଷ୍ଟି କରି ପ୍ରଶଂସାର ଅଧିକାରୀ ହୋଇଥିଲେ।

## ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

ବାଲେଶ୍ୱର ପୂର୍ବତନ ଏମ୍‌ପି ତଥା ଭୋଗରାଇର ପୂର୍ବତନ ବିଧାୟକ ତଥା ସୁଲେଖକ କାର୍ତ୍ତିକେଶ୍ୱର ପାତ୍ରଙ୍କ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି , ପାତ୍ରଙ୍କ ଦେହାନ୍ତ ବିଷୟ ଜାଣି ସେ ଦୁଃଖିତ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ସେହିପରି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଦଳୀୟ କାର୍ଯ୍ୟାଳୟଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ସମସ୍ତ ନେତୃବୃନ୍ଦ ସ୍ୱର୍ଗତ ପାତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭାଜପା ସଭାପତି ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଗଭୀର ଶୋକ ବ୍ୟକ୍ତ କରିବା ସହ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଛନ୍ତି।

## ଉପକୂଳ ଅଞ୍ଚଳର ବିକାଶ ଦାବିକଲେ ଏମ୍‌ପି

ଭଦ୍ରକ ଅଫିସ, ୬।୧୦

ଉପକୂଳବର୍ତ୍ତୀ ୭ଟି ଜିଲାର ଏମ୍‌ପିଙ୍କ ସହିତ ଭିଡିଓ କନ୍‌ଫରେନ୍ସ ଯୋଗେ ମଙ୍ଗଳବାର ଅପରାହ୍ନରେ କେନ୍ଦ୍ର ଜାହାଜ ଚଳାଚଳ, ସାର ଓ ରସାୟନ ବିଭାଗ ମନ୍ତ୍ରୀ ମନ୍‌ସୁଖ ମାଦଭିୟା ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ସାଗର ତଟ ସମୃଦ୍ଧି ଯୋଜନା ମାଧ୍ୟମରେ ଉପକୂଳବର୍ତ୍ତୀ ଅଞ୍ଚଳର ବିକାଶ ନିମନ୍ତେ ଏହି ଆଲୋଚନା ହୋଇଥିଲା। ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ନିଜ ସଂସଦୀୟ କ୍ଷେତ୍ରର ଧାମରାଠାରେ ଏକ ପ୍ରଯୁକ୍ତି, ଜ୍ଞାନ କୌଶଳ କେନ୍ଦ୍ର ନିର୍ମାଣ, ଧାମରା, ଚୁଡ଼ାମଣି ଓ ପଂଚୁବିସା ମାଛଧରା ଜେଟିର ଉନ୍ନତି, କୋଷ୍ଟ କେନାଲ ମନ୍ତେଇ ନଦୀ ଖନନ ସହ ପୁନରୁଦ୍ଧାର, ଆଭ୍ୟନ୍ତରୀଣ ନଦୀ ଜଳପଥ ପରିବହନ ବ୍ୟବସ୍ଥା, ଚାନ୍ଦବାଲି, ଧାମରା, ଆରଡ଼ି, ପଂଚୁବିସା ବାରୁଣୀ ଘାଟ ଏବଂ ମୋହନପୁର ଆଡ଼ିଆଠାରେ ପର୍ଯ୍ୟଟନସ୍ଥଳୀ ଭିତ୍ତିଭୂମିର ବିକାଶ ସହ ବହୁ ପ୍ରତିକ୍ଷୀତ ଚୁଡ଼ାମଣୀଠାରେ ନୂତନ ବନ୍ଦରର ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇଥିଲେ। ଏନେଇ ମନ୍ତ୍ରୀ ଆଲୋଚନା ପରେ ପ୍ରସ୍ତାବ ଗୁଡ଼ିକ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉପକୂଳବର୍ତ୍ତୀ ଜିଲାମାନଙ୍କ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାକୁ ଅଗ୍ରାଧିକାର ଭିତ୍ତିରେ ଅର୍ଥ ମଞ୍ଜୁର କରାଯାଇ ବିକାଶ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଭିଡିଓ କନ୍‌ଫରେନ୍ସରେ ଭଦ୍ରକ ଏମ୍‌ପି ମଣ୍ଡଳଙ୍କ ସହ ବାଲେଶ୍ୱର, କେନ୍ଦ୍ରାପଡ଼ା, ଯାଜପୁର, ପୁରୀ, ଭୁବନେଶ୍ୱର ଏବଂ ବ୍ରହ୍ମପୁର ଏମ୍‌ପି ଉପସ୍ଥିତ ଥିଲେ।


ଭିଡିଓ କନ୍‌ଫରେନ୍ସରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଆଲୋଚନା କରୁଛନ୍ତି।

## ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଧାରଣା

ବାରିପଦା ଅଫିସ, ୬।୧୦

ସ୍ୱୟଂ ଚାଳିତ ବିଭାଗର ରି-ଆଡ୍‌ମିଶନ ଫି' ହ୍ରାସ ଦାବିରେ ମଙ୍ଗଳବାର ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦାର୍ଶନ କରିଥିଲେ। ମୁଖ୍ୟ ଫାଟକରେ ସେମାନେ ତାଲା ପକାଇବା ସହିତ ଦିନ ତମାମ କୌଣସି କର୍ମଚାରୀଙ୍କୁ କାର୍ଯ୍ୟରେ ଯୋଗଦେବାକୁ ଛାଡି ନ ଥିଲେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଧାରଣାସ୍ଥଳକୁ ଆସି ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ତେବେ ଫି' ହ୍ରାସ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଛାତ୍ର ନେତା ଚିତ୍ରେଶ୍ୱର ବେହେରା ପ୍ରକାଶ କରିଛନ୍ତି।

କରୋନା ମହାମାରୀକୁ ନେଇ ଲୋକଙ୍କ ଆର୍ଥିକବସ୍ଥା ଦୁର୍ବଳ ହୋଇପଡ଼ିଥିବା ବେଳେ ଦୀର୍ଘ ଦିନ ଧରି ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ୭ମାସ ଧରି ବିଶ୍ୱ ବିଦ୍ୟାଳୟର କୌଣସି ଶ୍ରେଣୀ ଗୃହରେ ଶିକ୍ଷାଦାନ କରାଯାଇ ନ ଥିବା ବେଳେ ବିଦ୍ୟୁତ୍ କିମ୍ବା ଆନୁସଙ୍ଗିକ ଖର୍ଚ୍ଚ କରାଯାଇନାହିଁ। ମାତ୍ର ରି-ଆଡ୍‌ମିଶନ ଫି' ପୂର୍ବବତ ସମାନ ରଖାଯାଇ ଛାତ୍ରୀଛାତ୍ରମାନଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗରେ ଦର୍ଶାଯାଇଛି। ୯୮ ପ୍ରତିଶତ ଛାତ୍ରୀଛାତ୍ର ରି-ଆଡ୍‌ମିଶନ କରିସାରିଥିବା ବେଳେ ଅବଶିଷ୍ଟ ଛାତ୍ରୀଛାତ୍ରମାନଙ୍କ ପାଇଁ ଶେଷ ତାରିଖ ଅକ୍ଟୋବର ୧୦ ପରିବର୍ତ୍ତେ ୧୪ତାରିଖକୁ ବୃଦ୍ଧି କରିବାକୁ ଛାତ୍ରୀଛାତ୍ର ଦାବି କରିଛନ୍ତି। ଏହି ଧାରଣାରେ ବିଶ୍ୱରଞ୍ଜନ ରାଉତ, ସମୀର ଦାସ, ଦୀପିକା ବିଶ୍ୱାଳ, ପୂଜା ମିଶ୍ର, ଶୁଭଶ୍ରୀ ଦାସ, ଅନୁଶ୍ରୀ ବାରିକ, ଲୋକନାଥ ମହାନ୍ତଙ୍କ ସମେତ ଛାତ୍ରୀଛାତ୍ରମାନେ କୋଭିଡ୍-୧୯ ନିୟମକୁ ମାନି ସାମାଜିକ ଦୂରତା ଅବଲମ୍ବନ ପୂର୍ବକ ଧାରଣାରେ ବସିଥିଲେ।


ଧାରଣାରେ ବସିଥିବା ଛାତ୍ରୀଛାତ୍ର।

